ଧରିତ୍ରୀ
DHARITRI
ରବିବାର, ୩୧ ଜାନୁୟାରୀ ୨୦୨୧

## ଜିଲ୍ଲାରୁ ୭ ପଜିଟିଭ୍

**ଅନୁଗୋଳଅଫିସ:** ଅନୁଗୋଳ ଜିଲାରୁ ଶନିବାର ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୨୫୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବଅଁରପାଳ ବ୍ଲକରୁ ସର୍ବାଧିକ ୩ ଜଣ ସଂକ୍ରମିତ ବାହାରିଥିବାବେଳେ ଛେଣ୍ଡିପଦା, ଅନୁଗୋଳ, ତାଳଚେର, କିଶୋରନଗର ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୧ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ଆଜି କ'ଣ କେଉଁଠି

**ବଅଁରପାଳ**

- ବାର୍ଷିକ ଫୁଲ, ପନିପରିବା ପ୍ରଦର୍ଶନୀ ଉଦ୍‌ଯାପନୀ ସମାରୋହ। ସ୍ଥାନ: ନାଲ୍‌କୋ ଷ୍ଟାଡିୟମ୍। ସମୟ: ସନ୍ଧ୍ୟା ୬ଟା।
- ବୁଢାପଙ୍କ କ୍ରିକେଟ୍ ସେମିଫାଇନାଲ ମ୍ୟାଚ୍। ସ୍ଥାନ: ବୁଢାପଙ୍କ ସମୟ:ପୂର୍ବାହ୍ନ ୧୧ଟା।

**ଅନୁଗୋଳ**

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ। ସମୟ: ପୂର୍ବାହ୍ନ ୮ଟା। ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ।
- ଜିଲାସ୍ତରୀୟ କୃଷି ଏକ୍ସପୋ ଏବଂ ପୁଷ୍ପ ପ୍ରଦର୍ଶନୀ। ସ୍ଥାନ: ଅନୁଗୋଳ ଷ୍ଟାଡିୟମ। ସମୟ: ପୂର୍ବାହ୍ନ ୧୧ଟା।

## ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ

**ଭୁବନ, ୩୦।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ନୂଆବଜାରସ୍ଥିତ କାନାରା ବ୍ୟାଙ୍କ ଏଟିଏମ୍‌ରୁ ଶୁକ୍ରବାର ରାତିରେ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି। ଜଣେ ମୁଖାଧାରୀ ଦୁର୍ବୃତ୍ତ ଏଟିଏମ୍ ତାଡ଼ି ଦେଇଥିଲେ ମଧ ଚାମ୍ବର ଖୋଲି ଟଙ୍କା ନେବାରେ ବିଫଳ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏଟିଏମ୍ ଭିତରକୁ ଶୀତବସ୍ତ୍ରରେ ଘୋଡ଼େଇ ହୋଇ ହେଲ୍‌ମେଟ୍ ପିନ୍ଧିଥିବା ଜଣେ ବ୍ୟକ୍ତି ପ୍ରବେଶ କରିଥିଲେ। ସେ କୌଶଳକ୍ରମେ ଏଟିଏମ୍ ଖୋଲିବାରେ ସଫଳ ହୋଇଥିଲେ। ତେବେ ସିକ୍ରେଟ ଚାମ୍ବର ଖୋଲିବାରେ ବିଫଳ ହୋଇ ପଳାଇଥିଲେ। ଶନିବାର ସକାଳ କେତେଜଣ ଲୋକ ଏଟିଏମ୍ ଭଙ୍ଗାଯାଇଥିବା ଦେଖି ଶାଖା ପରିଚାଳକଙ୍କୁ ସୂଚନା ଦେଇଥିଲେ। ଏଟିଏମ୍ ଦାୟିତ୍ୱରେ ଥିବା ଏଫ୍‌ଏସ୍ ସଂସ୍ଥା ଭୁବନ ଥାନାରେ ଅଭିଯୋଗ କରିଛି। ପୋଲିସ ନଂ. ୩୯/୨୦ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

## ତାଲା ପକାଇ ଘରୁ ଚୋରି

**ବଇଣ୍ଡା, ୩୦।୧(ଡି.ଏନ୍.ଏ.):** ଠାକୁରଗଡ଼ ଥାନା ମାମୁରିଝରଣ ଗ୍ରାମର ପ୍ରତାପ ସାହୁଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ପ୍ରତାପଙ୍କ ଅଭିଯୋଗକ୍ରମେ ଠାକୁରଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ ମଧ ଅଭିଯୁକ୍ତଙ୍କ ପତ୍ତା ମିଳିପାରିନାହିଁ। ପ୍ରତାପ ଶୋଇଥିବାବେଳେ କେତେଜଣ ଯୁବକ ଆସି ଉକ୍ତ ଘରେ ତାଲା ପକାଇ ଦେଇଥିଲେ। ଅନ୍ୟ ଘରେ ଥିବା ଆଲ୍‌ମିରା ତାଲା ଭାଙ୍ଗି ନଗଦ ୪୦ ହଜାର ଟଙ୍କା, ୨ ଭରି ସୁନା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ରେଳ ଧାରଣାରୁ ମୃତଦେହ ଜବତ

**ବଇଣ୍ଡା, ୩୦।୧(ଡି.ଏନ୍.ଏ.):** ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମ ନିକଟ ରେଳଧାରଣାରୁ ଶନିବାର ବଇଣ୍ଡା ରେଲଓ୍ୱେ ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ କୁଶବଣିଆ ସାହିର ଲମ୍ବୋଦର ମୁଣ୍ଡା (୪୫)। ଲମ୍ବୋଦର ଶୁକ୍ରବାର ରାତିରେ ଘରେ ଝଗଡ଼ା କରି ପଳାଇଯାଇଥିଲେ। ସକାଳୁ ତାଙ୍କ ମୃତଦେହ ରେଳଧାରଣାରୁ ଠାବ କରାଯାଇଥିଲା। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଆଦର୍ଶ ବିଦ୍ୟାଳୟ ସମସ୍ୟା ଉପରେ ଗୁରୁତ୍ୱ

**ବନ୍ତଳା, ୩୦।୧(ଡି.ଏନ.ଏ.):** ଅନୁଗୋଳ ଜିଲା ଖଣ୍ଡହତାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ମ୍ୟାନେଜମେଣ୍ଟ ଏବଂ ଡେଭଲପମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବାସୁଦେବ ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଜୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ବୈଠକରେ ସ୍କୁଲର ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଘନଶ୍ୟାମ ବେହେରା, ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ଶିକ୍ଷାବିତ୍ ପ୍ରଶାନ୍ତ ବିଶ୍ୱାଳ, ଅଭିଭାବକ ସଙ୍ଘର ସଦସ୍ୟ ବ୍ରଜବନ୍ଧୁ ସାହୁ, ସୀତା ବେହେରା, ସ୍ୱପ୍ନେଶ୍ୱର ନାଏକ, ବନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ଆଞ୍ଚଲ ଜେନା ଓ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପ୍ରଜ୍ଞାପରିମିତା ମହାନ୍ତିଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ଦାଦା-ପୁତୁରାଙ୍କ ଅପମିଶ୍ରଣ ସାମ୍ରାଜ୍ୟ

**ଅନୁଗୋଳ ଅଫିସ, ୩୦।୧**

### ନକଲି ପାମୋଲିନ୍ ଜବତ ଘଟଣା



- ୫ ଅଭିଯୁକ୍ତ କୋର୍ଟଚାଲାଣ
- ବାହାରକୁ ଚେର ଲମ୍ବିଥିବା ଅନୁମାନ
- ଛାନ୍‌ଭିନ୍ ଜାରି, ରିପୋର୍ଟକୁ ଅପେକ୍ଷା

ଅନୁଗୋଳ ସହର ଉପକଣ୍ଠରୁ ଜବତ ଅପମିଶ୍ରିତ ପାମୋଲିନ୍ ତେଲ କାରଖାନା ପଛରେ ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି। ଏଭଳି ବେଆଇନ କାରବାର ପଛରେ କମ୍ପାନୀ ମୁଖ୍ୟ ତଥା ହାତୀଶାଳପଡ଼ାର ଶୁଭମ୍ ଅଗ୍ରୱାଲ (୨୫) ଏବଂ ତାଙ୍କ ପାର୍ଟନର ଥିବା ଦାଦା ପ୍ରଭୁଦୟାଲ ଅଗ୍ରୱାଲ (୩୫)ଙ୍କ ହାତ ରହିଛି। ଦୁହେଁ ମିଶି ଏଭଳି ଅପମିଶ୍ରଣ ସାମଗ୍ରୀ ସାମ୍ରାଜ୍ୟ ଗଢ଼ିଥିଲେ। ଏଥିରେ ସହଯୋଗ କରୁଥିଲେ ବନ୍ତଳା ଥାନା ଜରବରପୁରର କର୍ମଚାରୀ ବିଷ୍ଣୁ ଚରଣ କର (୨୪), ଅନୁଗୋଳ ଥାନା ବଜାରପଡ଼ାର ଅବ୍‌ଦୁଲ ବରକତ୍ ହୁସେନ୍ (୩୪) ଏବଂ ସଦର ଥାନା ଅନ୍ତର୍ଗତ ଖଲାରୀ ଅଞ୍ଚଳର ଅସିମ୍ କୁମାର ନାଥ (୨୩)। ସମସ୍ତ ୫ ଅଭିଯୁକ୍ତଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ନଂ.୪୪/୨୧ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ବିରୋଧରେ ଅପମିଶ୍ରଣ, ଠକେଇ, ଖାଦ୍ୟ ନିରାପତ୍ତା ଆଇନରେ ସଙ୍ଗିନ ଦଫା ଲଗାଯାଇଛି। ଘଟଣାର ଛାନ୍‌ଭିନ୍ ଜାରି ରହିଥିବା ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅନୁଗୋଳ ସଦର ଥାନା ଅନ୍ତର୍ଗତ ଶରଧାପୁର ଅଞ୍ଚଳରେ ପୋଲିସର ଏକ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ନକଲି ପାମୋଲିନ୍ ତେଲ କାରଖାନା ଠାବ କରିଥିଲା। ପ୍ରଥମେ ବଜାରପଡ଼ାରେ ଥିବା ଗୋଦାମରେ ଚଢ଼ାଉ କରାଯାଇଥିଲା। ଏହାପରେ ଶରଧାପୁରରେ ପହଞ୍ଚି ଖୋଳତାଡ଼ କରିଥିଲା। ଘଟଣାସ୍ଥଳରୁ ୬ ବ୍ରାଣ୍ଡର ପାମୋଲିନ୍ ଷ୍ଟିକର, ବିପୁଳ ପରିମାଣର ନକଲି ତେଲ ଭର୍ତ୍ତି ଟିଣ, ଡ୍ରମ ଜବତ ହୋଇଛି। ତେଲ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ରିପୋର୍ଟ ମିଳିବା ପରେ ତେଲରେ କ'ଣ ମିଶ୍ରଣ ହେଉଥିଲା ତାହା ଜଣାପଡ଼ିବ ବୋଲି ପୋଲିସ କହିଛି। ଅନ୍ୟପଟେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅପମିଶ୍ରିତ ତେଲ ଜିଲାର ବିଭିନ୍ନ ଢାବା, ମିକ୍ସଚର ତିଆରି କାରଖାନାକୁ ଯୋଗାଣ ହେଉଥିଲା। ଗ୍ରାମାଞ୍ଚଳରେ ଲୋକଙ୍କୁ ଭୁଆଁ ବୁଲାଇ ଶସ୍ତାରେ ବିକ୍ରି କରାଯାଉଥିଲା। କଲିକତା ହଳଦିଆରୁ ଟ୍ୟାଙ୍କର ସହାୟତାରେ ତେଲ ଅଣାଯାଉଥିଲା। ଏହାକୁ ଅନୁଗୋଳରେ ବିଭିନ୍ନ ବ୍ରାଣ୍ଡର ଡବାରେ ମୋଟର ସହାୟତାରେ ଭର୍ତ୍ତି କରି ବିକ୍ରି କରାଯାଉଥିଲା। ଏହାର ଚେର ବାହାରକୁ ଲମ୍ବିଥିବା ଅନୁମାନ କରାଯାଉଛି। ବିଭିନ୍ନ ଦିଗକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି।

## ଚାଷୀ ଆନ୍ଦୋଳନ ଦମନର ପ୍ରତିବାଦ




ଏଆଇକେକେଏମ୍‌ଏସ୍ ପକ୍ଷରୁ ପ୍ରତିବାଦ କରାଯାଉଛି।

**ଅନୁଗୋଳ ଅଫିସ, ୩୦।୧**

ଐତିହାସିକ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ମସୁଧା କରାଯାଉଥିବା ଅଭିଯୋଗ ଆଣିଛି ଅନୁଗୋଳ ଜିଲା ଏଆଇକେକେଏମ୍‌ଏସ୍ ଜିଲା କମିଟି। ଏହାର ପ୍ରତିବାଦରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଶନିବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲା ସମ୍ପାଦକ ସୁବାସ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାର ଆଣିଥିବା ୩ ନୂତନ କୃଷି ଆଇନ ଚାଷୀ ବିରୋଧୀ। ଏହା ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା କରିବ। ଏହାର ପ୍ରତିବାଦରେ ପାଖାପାଖି ୨ ମାସ ହେଲା ଚାଲିଥିବା ଚାଷୀ ଆନ୍ଦୋଳନକୁ ସବୁବର୍ଗରୁ ସମର୍ଥନ ମିଳିବାରେ ଲାଗିଛି। ଏହାକୁ କେନ୍ଦ୍ରର ଭାଜପା ସରକାର ଭଣ୍ଡୁର କରିବା ପାଇଁ ଅପପ୍ରୟାସ କରୁଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଚାଷୀନେତାଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲା ଏବଂ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଚାଷୀ ନେତା ରଣଜିତ୍ ପ୍ରଧାନ, ସଯ଼ ସାହୁ, କୁମର ସାହୁ, ଉଦୟ ଭୋଇ ଏବଂ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ମାନସ ପାଳ ପ୍ରମୁଖ ଦାବି କରିଛନ୍ତି। ଏହି ଅବସରରେ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## 'ଶିକ୍ଷାର ବିକାଶ ଶିକ୍ଷକଙ୍କ ଗୁରୁଦାୟିତ୍ୱ'

**ବଇଣ୍ଡା, ୩୦।୧(ଡି.ଏନ.ଏ.)**

ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଅଞ୍ଚଳ ବିକାଶରେ ସର୍ବଦା ପଛୁଆ। ଶିକ୍ଷାର ବିକାଶ ପ୍ରାଥମିକସ୍ତରରୁ ହେବା ଜରୁରୀ। ଏଥିପ୍ରତି ଶିକ୍ଷକ ସମାଜର ଗୁରୁଦାୟିତ୍ୱ ରହିଛି ବୋଲି କହିଛନ୍ତି କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ। ଦୋହଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। କିଶୋରନଗର କଲେଜ ଅଧକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଅଧାପକ ଜୟକୃଷ୍ଣ ପ୍ରଧାନ, ଅନ୍ୟତମ ଅତିଥି ଆଇଆଇସି ପ୍ରତିଭା ମାଝି, କୁଳମଣି ମେହେର, ପ୍ରଧାନ ଶିକ୍ଷକ ହରିବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁଦାମ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ସ୍ୱଧାର ଗୃହ ଗଲେ ପୀଡ଼ିତା

**ଛେଣ୍ଡିପଦା, ୩୦।୧(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ଅଞ୍ଚଳରେ ପ୍ରେମିକଙ୍କ ଘର ଆଗରେ ୩ବର୍ଷର ଶିଶୁପୁତ୍ର ସହ ୩ଦିନ ହେଲା ଧାରଣାରେ ବସି ରହିଥିବା ଜଣେ ଗର୍ଭବତୀଙ୍କୁ ଶନିବାର ସ୍ୱଧାର ଗୃହ ପଠାଯାଇଛି। ଛେଣ୍ଡିପଦା ଅଞ୍ଚଳରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ପୀଡ଼ିତାଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସମ୍ପୃକ୍ତା ଗର୍ଭବତୀ ନ୍ୟାୟ ଦାବିରେ ୩ଦିନ ହେଲା ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଏଥିପୂର୍ବରୁ ଘଟଣା ସମ୍ପର୍କରେ ସୂଚନା ପାଇ ପ୍ରେମିକଙ୍କ ପରିବାର ଲୋକେ ଘର ତାଲା ପକାଇ ଫେରାର ହୋଇଯାଇଥିଲେ। ଅସହାୟ ମହିଳାଙ୍କୁ ନ୍ୟାୟ ଦେବାକୁ ଛେଣ୍ଡିପଦା କର୍ମଜୀବୀ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଅନୁଗୋଳ ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପ୍ରଶାସନ ସହାୟତାରେ ମହିଳା ଏବଂ ଶିଶୁପୁତ୍ରକୁ ଅନୁଗୋଳସ୍ଥିତ ସ୍ୱଧାରଗୃହକୁ ଏକ ଅଟୋରିକ୍ସା ସହାୟତାରେ ପଠାଇ ଦିଆଯାଇଛି। ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ କହିଛନ୍ତି।

## ନାଲ୍‌କୋ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦାୟୀ ଅଧିକାରୀଙ୍କ ସମେତ ସଂଘର କର୍ମକର୍ତ୍ତାମାନେ।

**ବଅଁରପାଳ, ୩୦।୧(ଡି.ଏନ୍.ଏ.)**

ନାଲ୍‌କୋ ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ଜିଜିଏମ୍ ସୋମନାଥ ମିଶ୍ର, ଜିଜିଏମ୍ ପ୍ରଫୁଲ୍ଲ ସାହୁ, ଅଧିକାରୀ ପ୍ରଦୀପ ବେହେରା ଚଳିତ ମାସରେ ଚାକିରିରୁ ଅବସର ନେଉଛନ୍ତି। ନାଲ୍‌କୋ ଅଫିସର ଆସୋସିଏଶନ ପକ୍ଷରୁ ସେମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟୀ ଅଧିକାରୀଙ୍କ ଉଦ୍ୟମ, ନିଷ୍ଠାପର ସେବା, ଦକ୍ଷତା ସବୁବେଳେ ମନେରହିବ ବୋଲି ମତପ୍ରକାଶ ପାଇଥିଲା। ସଂଘ ସଭାପତି ପ୍ରସନ୍ନ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିପିପି ମହାପ୍ରବନ୍ଧକ ସରୋଜ ମିଶ୍ର, ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଏନ୍.କେ. ମଣ୍ଡଳ, ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି ବନମାଳୀ ସେଠୀ, ସହ ସମ୍ପାଦକ କେ.କେ. ବେହେରା, ଅଶୋକ ମୁଦୁଲି, ଗୌତମ ନାୟକ, ପିୟୂଷ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## କାଙ୍କିନାଳି ଚାମ୍ପିୟନ

**ବଅଁରପାଳ, ୩୦।୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଜାମୁସାହି କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଦେବାଶିଷ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଶାବଳଭଙ୍ଗାକୁ ହରାଇ କାଙ୍କିନାଳି ଚାମ୍ପିୟନ ହୋଇଛି। ବିଜୟୀ ଦଳର ଅନିଲ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ନର୍ମଦା ମାଝି, ସମ୍ମାନିତ ଅତିଥି ଅଭିରାମ ମାଝି, ଶ୍ୟାମଘନ ମାଝି, ସଚିନ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ବିଚିତ୍ରା ମାଝି, ଶେଷ ମାଝି, ରାକେଶ ମାଝି, ସାଇଲି ମାଝି ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୩୦।୧(ଡି.ଏନ.ଏ.)**

କିଶୋରନଗର ଥାନା ଡୁରୁଡା ଗ୍ରାମର ଅଞ୍ଜଳି ବେହେରାଙ୍କୁ ତାଙ୍କ ଦେଢ଼ଶୁର ନବଘନ ବେହେରା ମାଡ଼ ମାରିଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୫/୨୧ରେ ଏକ ମାମଲା ରୁଜୁ କରିଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଅଞ୍ଜଳିଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ବକେୟା ନ ଦେବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ବଇଣ୍ଡା, ୩୦।୧(ଡି.ଏନ୍.ଏ.)**

- ବିଭାଗ ଜୁଲମ କରୁଥିବା ଅଭିଯୋଗ
- ଅସନ୍ତୋଷ ଝାଡ଼ିଲେ ଉପଭୋକ୍ତା

ବକେୟା ପଡ଼ିଥିବା ବିଦ୍ୟୁତ୍ ଦେୟ ପୈଠ ନ କରିବାରୁ କିଶୋରନଗର ବ୍ଲକ ବଇଣ୍ଡା, କୁଶବଣିଆସାହି, ଲୁହାମୁଣ୍ଡା ଆଦି ଗ୍ରାମର ୩୦ ପରିବାରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଛି। କରୋନା ମହାମାରୀ ସମୟରେ ସମ୍ପୃକ୍ତ ଗରିବ ଶ୍ରେଣୀର ଲୋକେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବାବେଳେ ବିଦ୍ୟୁତ୍ ବିଭାଗର ଏଭଳି ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବାରମ୍ବାର ଦାଗିଦ୍ ସତ୍ତ୍ୱେ ଉପଭୋକ୍ତାମାନେ ବାକି ଥିବା ଦେୟ ପ୍ରଦାନ କରୁ ନ ଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, କରୋନା ପାଇଁ ୨୦୨୦ ମାର୍ଚ୍ଚରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଲ୍ ଆଦାୟ କରାଯାଇ ନ ଥିଲା। ୪ ମାସ ହେଲା ବାକି ଥିବା ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଛି। ତଦନୁଯାୟୀ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଶନିବାର କୁଶବଣିଆ, ଲୁହାମୁଣ୍ଡା, ବଇଣ୍ଡା ଗ୍ରାମକୁ ଦେୟ ଆଦାୟ କରିବାକୁ ଯାଇଥିଲେ। ପୂର୍ବମାସର ବାକି ପଡ଼ିଥିବା ବିଲ୍ ଦେଉ ନ ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଏପରିକି ମିଟର ଖରାପ ଥିବା ଦର୍ଶାଇ ସର୍ବନିମ୍ନ ଚାର୍ଜ ପକାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା କେତେଜଣ ଉପଭୋକ୍ତା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ ପରେ ସମ୍ପୃକ୍ତ ପରିବାର ସମସ୍ୟାରେ ପଡ଼ିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସଂକ୍ରାନ୍ତରେ ବଇଣ୍ଡା ଟିପିସିଓଡିଏଲ୍‌ର କନିଷ୍ଠ ଯନ୍ତ୍ରୀ ପଙ୍କଜ କୁମାର ଖିଲାର କୁହନ୍ତି, ଅନେକ ଉପଭୋକ୍ତା ବର୍ଷେ ହେଲା ବିଲ୍ ଦେଉନାହାନ୍ତି। ସେମାନଙ୍କୁ ପୂର୍ବ ବିଲ୍‌ରୁ କିଛି ଟଙ୍କା ସହ ଏବେକାର ଦେୟ ପୈଠ କରିବାକୁ କୁହାଯାଇଛି। ହେଲେ ସେମାନେ ଶୁଣୁନାହାନ୍ତି। ତେଣୁ କେତେଜଣଙ୍କ ସଂଯୋଗ କାଟି ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

# ମଞ୍ଚକୁ ଫେରିଲେ କଳାକାର

**ବଅଁରପାଳ, ୩୦।୧(ଡି.ଏନ.ଏ.)**



ଦଣ୍ଡନୃତ୍ୟ ଦଳର କଳାକାରମାନେ।

- ୧୦ ମାସ ପରେ ପ୍ରଦର୍ଶିତ ହେଲା ଦଣ୍ଡନୃତ୍ୟ
- ଫିଟିଲା ରୋଜଗାର ବାଟ, ବଢ଼ିଲା ଉତ୍ସାହ

କରୋନା ମହାମାରୀରେ ଧରାଶାୟୀ ହୋଇପଡ଼ିଥିବା କଳାଜଗତ ଅଣ୍ଟା ସଳଖୁଛି। କଟକଣା କୋହଳ ପରେ ଚଳଚଞ୍ଚଳ ହୋଇଛି ମଞ୍ଚ। ନିରବି ଯାଇଥିବା କଳାକାରଙ୍କ ସଂଳାପରେ ପୁଣି ଥରେ ମୁଖରିତ ହୋଇଛି ଗାଁ ଦାଣ୍ଡ। ଦୀର୍ଘ ୧୦ ମାସ ପରେ କଳାକାର ମଞ୍ଚକୁ ଫେରିଥିବାବେଳେ ଏହାକୁ ନେଇ ଦର୍ଶକ ଏବଂ କଳାପ୍ରେମୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବେଶ୍ ଉତ୍ସାହ।

ଦୀର୍ଘଦିନର ବ୍ୟବଧାନ ପରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକର ଦଣ୍ଡନୃତ୍ୟ ଦାଣ୍ଡକୁ ଫେରିଛି। ବଅଁରପାଳ ବ୍ଲକ ଅମାନ୍ତପୁରଠାରେ ଶୁକ୍ରବାର ବାଦ ଦଣ୍ଡନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିରେ ସାମିଲ ହୋଇଥିଲେ ଢେଙ୍କାନାଳ ବଳରାମପ୍ରସାଦ ଏବଂ ଅନୁଗୋଳ ବଳରାମ ପ୍ରସାଦ ଦଣ୍ଡ ନୃତ୍ୟ ଦଳ। କଳାକାରମାନେ ଶିବ-ପାର୍ବତୀ, ଯୋଗୀ-ଯୋଗିଆଣୀ, ଶବର-ଶବରୁଣୀ, କେଳା-କେଳୁଣୀ, ବୀଣାକାର-କାରୁଆଣି ଆଦି ସୁଆଙ୍ଗରେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ପାରମ୍ପରିକ ବାଦ ଦଣ୍ଡନୃତ୍ୟ ପାଇଁ ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ପ୍ରସିଦ୍ଧି ଅର୍ଜନ କରିଛି। ମେରୁ ଯାତ୍ରା ସମୟରେ ମାନସିକଧାରୀ ଦଣ୍ଡୁଆମାନେ ଗାଁ ଗାଁ ବୁଲି ୧୩ଦିନ ଧରି ଦଣ୍ଡନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏହାକୁ ବାଦ୍‌ଦେଲେ ଦୁର୍ଗା ପୂଜା, ବିଶ୍ୱକର୍ମା ପୂଜା, ଦୋଳଯାତ୍ରା, ହିଙ୍ଗୁଳା ଯାତ୍ରା, ପୌଷ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ଶନି ଓଷା ସମେତ ବିଭିନ୍ନ ପର୍ବପର୍ବାଣିରେ ଦଣ୍ଡନୃତ୍ୟ ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ତେବେ କରୋନା କଟକଣା ଯୋଗୁ ଗତ ମାର୍ଚ୍ଚରୁ ନୃତ୍ୟ ବନ୍ଦ ହୋଇଯାଇଥିଲା। ଏଥିରେ ପ୍ରଭାବିତ ହୋଇଥିଲେ ହାରାହାରି ୫୦୦୦ କଳାକାର। ଏବେ ନୃତ୍ୟ ଆରମ୍ଭ ହେବା ପରେ ରୋଜଗାର ହରାଇଥିବା କଳାକାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି

ଏ ସମ୍ପର୍କରେ ଉତ୍କଳୀୟ ଦଣ୍ଡ ସଂସ୍କୃତି ମହାସଂଘ ସଭାପତି ହରମୋହନ ସାହୁ ଏବଂ ଦଣ୍ଡନୃତ୍ୟ ଦଳର ମ୍ୟାନେଜର ବାମଦେବ ସେଠ କୁହନ୍ତି, ଲକ୍‌ଡାଉନ୍ ଏବଂ କରୋନା କଟକଣା ଯୋଗୁ ବର୍ଷେ ହେଲା ଦଣ୍ଡନୃତ୍ୟ ବନ୍ଦ ଥିଲା। ରୋଜଗାର ହରାଇ ବହୁ କଳାକାର ସମସ୍ୟାରେ ପଡ଼ିଥିଲେ। କଟକଣା କୋହଳ ପରେ ସମସ୍ୟା ସୁଧୁରିବା ଆଶା ସୃଷ୍ଟି ହୋଇଛି।

## ମଦମୁକ୍ତ ଜିଲା ପାଇଁ ଶପଥ

**ଢେଙ୍କାନାଳ ଅଫିସ, ୩୦।୧**

ମହାତ୍ମା ଗାନ୍ଧୀଙ୍କ ୭୩ତମ ତିରୋଧାନ ଦିବସରେ ଢେଙ୍କାନାଳକୁ ମଦମୁକ୍ତ ଜିଲା କରିବାକୁ କଂଗ୍ରେସ କର୍ମକର୍ତ୍ତାମାନେ ଶପଥ ନେଇଛନ୍ତି। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରେମଶଙ୍କର ମିଶ୍ର ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଓଡ଼ିଶାର ଯୁବ ସମାଜକୁ ମଦ, ବ୍ରାଉନ୍‌ସୁଗାର କବଳିତ କରିସାରିଲାଣି। ମହିଳା ହିଂସା ସୀମା ଲଂଘିଛି। ମହାତ୍ମା ଗାନ୍ଧୀ ନିଶା ନିବାରଣ ପାଇଁ ସଂଗ୍ରାମ ଜାରି ରଖିଥିଲେ। ଏହି ଧାରାରେ ଚାଲିବାକୁ ଜିଲା ସଭାପତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରକାଶ କୁଅଁର, ସୁନୀଲ ଦାଶ, ନିଶାକର ସାହୁ, ହାଇଦର ମହମ୍ମଦ, ମମତାଞ୍ଜଳି ବେହେରା, ଜିତୁ ସାହୁ, ସଚ୍ଚିଦାନନ୍ଦ ନନ୍ଦ, ଅମର ସେନାପତି, ଶୁଭମ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଶପଥପାଠ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମକର୍ତ୍ତାମାନେ।

## ଚୋରି ମାମଲାରେ ୨ ଗିରଫ

**କଣିହାଁ, (ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ପୋଲିସ ଚୋରି ମାମଲାରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କୁଲେଇ ଗ୍ରାମର ନିରଞ୍ଜନ ମହାନ୍ତି (୩୦) ଏବଂ ସୁମନ୍ତ ସାମଲ (୨୨)। ସମଲ ବ୍ୟାରେଜ କେନାଲ ବ୍ରିଜରୁ ଲୁହା ରେଲିଂ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଗତ ଡିସେମ୍ବର ୩୧ରେ ନଂ.୨୪୯/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି।

## ସଂକ୍ଷେପରେ

### ଟାକ୍ସ ଓକିଲ ସଂଘର ବିକ୍ଷୋଭ

**ଢେଙ୍କାନାଳ ଅଫିସ, ୩୦।୧:** ଟିକସ ସଂସ୍କାର ଦାବିରେ ଢେଙ୍କାନାଳ ଜିଲା ଟାକ୍ସ ଓକିଲ ସଂଘ ତରଫରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଦସ୍ୟମାନେ ଢେଙ୍କାନାଳ ବାଣିଜ୍ୟ କର ଏବଂ ଜିଏସ୍‌ଟି ଡେପୁଟି କମିଶନରଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ୱେଷ୍ଟର୍ଣ୍ଣ ମହାରାଷ୍ଟ୍ର ଟାକ୍ସ ପ୍ରାକ୍ଟିସନର୍ସ ଆସୋସିଏଶନ୍‌ର ଆହ୍ୱାନକ୍ରମେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ସଂଘ ସଭାପତି ଶୁଭେନ୍ଦୁ ମହାପାତ୍ର, ସମ୍ପାଦକ ବିନୟ ପ୍ରଧାନ ସୂଚନା ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କ ଅବସର

**କାମାକ୍ଷାନଗର, ୩୦।୧(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ବାଲିଗୋରଡ଼ସ୍ଥିତ ମୃଷା ମଲ୍ଲିକ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପାତ୍ରଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହୁଲପାଳସ୍ଥିତ ନିଗମାନନ୍ଦ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟବ୍ରତ ପଣ୍ଡାଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ଶିକ୍ଷାବିତ୍ ମାୟାଧର ପାଣି ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ପ୍ରମୋଦ ମିଶ୍ର, ଶ୍ରୀରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଲଙ୍ଗବାଉତିଙ୍କ ବାର୍ଷିକ ଯାତ୍ରା ଉଦ୍‌ଯାପିତ

**ବଅଁରପାଳ, ୩୦।୧(ଡି.ଏନ.ଏ.):** ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍ଗବାଉତିଙ୍କ ବାର୍ଷିକ ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସକାଳେ ଠାକୁରାଣୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ଦେବୀଙ୍କ ଆଲମକୁ ବାଦ୍ୟ ବାଜଣା ସହକାରେ ଦିଅଁ ଘରକୁ ଅଣାଯାଇଥିଲା। ପୂର୍ବରୁ ଗ୍ରାମବାସୀ ଯାତ୍ରାକୁ ଆଡମ୍ବର ସହକାରେ ପାଳନ କରୁଥିଲେ। ଶୋଭାଯାତ୍ରାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲା। ଚଳିତ ବର୍ଷ କରୋନା ଯୋଗୁ ନିରାଡମ୍ବରରେ ପୂଜା ହୋଇଥିଲା।

### ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଛେଣ୍ଡିପଦା,୩୦।୧(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ୍ କୋଶଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ପୁଅ ସତ୍ୟ କୁମାର ସାହୁଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅହିଂସା ଅନୁସରଣ ଗାନ୍ଧିଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୩୦।୧:** ଢେଙ୍କାନାଳ ଗାନ୍ଧୀପାର୍କଠାରେ ଶନିବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ତ୍ୟାଗପୂତ ଜୀବନଶୈଳୀକୁ ଅନୁସରଣ କଲେ ଏହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ ମିଶ୍ର, ସଂସ୍କୃତି ସଂଯୋଜକ ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ଶିବିର ଆୟୋଜିତ

**ଅନୁଗୋଳ ଅଫିସ, ୩୦।୧:** ଅନୁଗୋଳ ସହର ରାଧାରମଣପଡ଼ାସ୍ଥିତ ବିଜୁ ପଟ୍ଟନାୟକ ୟୁଥ୍ କ୍ଲବ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ସନାତନ ପଣ୍ଡା, ଡା. ନୀଳକଣ୍ଠ ସାହୁ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବିବେକାନନ୍ଦ ନାୟକ ଏବଂ ସହକର୍ମୀମାନେ ପରୀକ୍ଷା କରିବା ସହିତ ଔଷଧ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଭାପତି ଅବିନାଶ ପରିଡ଼ା, ଏଏନ୍‌ଏମ୍ ନିର୍ମଳା ମାଝି, ଅଙ୍ଗନୱାଡ଼ି କର୍ମୀ ନର୍ମଦା ନାଏକ, ମଞ୍ଜୁଶ୍ରୀ ସାହୁ, ଆଶା କର୍ମୀ ଶାନ୍ତିଲତା ମହରଣାଙ୍କ ସମେତ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିକାଶ ଖୋଜୁଛି ବୁଦ୍ଧେଶ୍ୱର ପୀଠ

**ଭୁବନ, ୩୦।୧(ଡି.ଏନ.ଏ.)**

ଇତିହାସ ଏବଂ କିମ୍ବଦନ୍ତୀକୁ ନେଇ ସମୃଦ୍ଧ। ପର୍ଯ୍ୟଟନସ୍ଥଳୀର ମାନ୍ୟତା ମଧ୍ୟ ମିଳିଛି। ଅନୁଦାନ ଆସୁଛି। ଶ୍ରଦ୍ଧାଳୁ ଦେଉଛନ୍ତି ଲକ୍ଷାଧିକ ଟଙ୍କା ଦାନ। ହେଲେ ଅର୍ଥର ସଦ୍‌ବିନିଯୋଗ ହୋଇପାରୁ ନ ଥିବାରୁ ଐତିହାସିକ ବୁଦ୍ଧେଶ୍ୱର ଶୈବପୀଠର ବିକାଶ ଅଟକିଛି। ଅବଧି ସରିଯାଇଥିବାବେଳେ ପରିଚାଳନା କମିଟି ପୁନର୍ଗଠନ ଲାଗି ଦେବୋତ୍ତର ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଅବସ୍ଥିତ ଦ୍ୱାଦଶ ଶତାବ୍ଦୀର ଐତିହ୍ୟସମ୍ପନ୍ନ ବୁଦ୍ଧେଶ୍ୱର ଶୈବପୀଠ। ୮ ଏକର ଜମି ଉପରେ ପରିବ୍ୟାପ୍ତ ଏହି ମନ୍ଦିରକୁ ୨୦୦୮ରେ ମିଳିଛି ପର୍ଯ୍ୟଟନସ୍ଥଳୀର ମାନ୍ୟତା। ଜିଲା ପର୍ଯ୍ୟଟନ ତାଲିକାରେ ୯ ଏବଂ ରାଜ୍ୟସ୍ତରରେ ୩୦୭ ନମ୍ବରରେ ରହିଛି ଏହି ପ୍ରାଚୀନ ମନ୍ଦିର। ମୁଖ୍ୟମନ୍ଦିରକୁ ବାଦ୍ ଦେଲେ ଏହାର ଚାରିପଟେ ପାର୍ବତୀ ମନ୍ଦିର, ଶନି ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ଏବଂ ତ୍ରିନାଥ ମନ୍ଦିର ରହିଛି। ମହାଶିବରାତ୍ରି, ବଡ଼ଓଷା, ଗଣେଶ ପୂଜା, ହନୁମାନ ଜୟନ୍ତୀ ଭଳି ପର୍ବପର୍ବାଣି ଏଠାରେ ଜାକଜମକର ସହ ପାଳିତ ହୋଇଥାଏ। ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ, ମାନସିକଧାରୀ, ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ହେଲେ ମନ୍ଦିରର ଆନୁଷଙ୍ଗିକ ବିକାଶ କାର୍ଯ୍ୟ ଯେଉଁ ଭଳି ହେବା କଥା ତାହା ହେଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ମନ୍ଦିର ସୁପରିଚାଳନା ଲାଗି ସ୍ଥାନୀୟ ଲୋକଙ୍କୁ ନେଇ ପ୍ରତି ଦୁଇବର୍ଷରେ ଥରେ କମିଟି ଗଠନ କରାଯାଇଥାଏ। ୨୦୧୮ ଜାନୁୟାରୀ ୧୮ରେ ଶେଷଥର ପାଇଁ କମିଟି ଗଠନ ହୋଇଥିଲା। ଅବଧି ଶେଷ ହୋଇଯାଇଥିବାବେଳେ କମିଟି ପୁନର୍ଗଠନ ଲାଗି ଆନ୍ତରିକତା ପ୍ରକାଶ ପାଉନାହିଁ। ସେହିପରି ରାଜସ୍ୱ ଆଦାୟ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ୪ ଦୋକାନ ଘର ନିର୍ମାଣ କରାଯାଇଛି। ବର୍ଷକିଆ ଭିତ୍ତିରେ ଏଗୁଡ଼ିକ ନିଲାମ ଦିଆଯାଇଥାଏ। ହେଲେ ଅବଧି ପୂରିଯାଇଥିଲେ ମଧ୍ୟ ଏହାର ନିଲାମ ହୋଇପାରିନାହିଁ। ମନ୍ଦିରରେ କାର୍ଯ୍ୟରତ ୫ ପୂଜକଙ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୀଠ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଶାଖା ବୁଦ୍ଧେଶ୍ୱର ନାଳ ପୁନରୁଦ୍ଧାର, ସନ୍ତରଣ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବୋଟିଂ ସୁବିଧା, କଲ୍ୟାଣ ମଣ୍ଡପ, ଶିବମନ୍ଦିରରୁ ବ୍ରାହ୍ମଣୀ ନଦୀ ଦେଇ ଦଳାର ପାହାଡ଼କୁ ରୋପୱେ ଏବଂ ପ୍ରମୋଦ ଉଦ୍ୟାନ ନିର୍ମାଣ ଲାଗି


ବୁଦ୍ଧେଶ୍ୱର ଶୈବପୀଠ

- ପ୍ରସ୍ତାବରେ ସୀମିତ ଉନ୍ନୟନମୂଳକ କାର୍ଯ୍ୟ
- ପୁନର୍ଗଠନ ହେଉନି ପରିଚାଳନା କମିଟି
- ଭାରିଯାନ ବିଗାଡୁଛି ବକୁଳବନ ସୌନ୍ଦର୍ଯ୍ୟ

ବିଭିନ୍ନ ସମୟରେ ପ୍ରସ୍ତାବ ଦିଆଯାଇଛି। ସେହିପରି ଜଗନ୍ନାଥ ମନ୍ଦିର-ବୁଦ୍ଧେଶ୍ୱର ପୀଠ-ହିଙ୍ଗୁଳା ପୀଠ-ରଗଡ଼ି ଅଷ୍ଟଶମ୍ଭୁ ମନ୍ଦିରକୁ ନେଇ ପର୍ଯ୍ୟଟନ କରିଡ଼ର କରିବା ସହ ଗମନାଗମନ ସୁବିଧା ଲାଗି ଉନ୍ନତମାନର ରାସ୍ତା ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬୦ ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିରର ମୁଖ୍ୟଫାଟକ, ଶୌଚାଳୟ ନିର୍ମାଣ ହୋଇଛି। ହେଲେ ଅନ୍ୟାନ୍ୟ କାର୍ଯ୍ୟ କେବଳ ଦାବି ଏବଂ ପ୍ରସ୍ତାବରେ ଅଟକି ରହିଛି। ପୀଠ ଚାରିପଟେ ପାଚେରି ନ ଥିବାରୁ ଶତାଧିକ ବାଲି ବୋଝେଇ ଭାରିଯାନ ଏହାର ନିକଟ ଦେଇ ଦୈନନ୍ଦିନ ଯାତାୟାତ କରୁଛି। ଫଳରେ ପ୍ରମୁଖ ଆକର୍ଷଣ ବକୁଳବନ, ମନ୍ଦିର ପରିବେଶ ଏବଂ ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କୁହନ୍ତି, ମନ୍ଦିର ପରିଚାଳନା କମିଟି ପୁନର୍ଗଠନ ଏବଂ ଅନ୍ୟାନ୍ୟ ଦାବି ପୂରଣ ଲାଗି ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହାର ସମାଧାନ ଲାଗି ଉଦ୍ୟମ କରାଯାଉଛି। ଜିଲା ପ୍ରଶାସନ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ଏ ନେଇ ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, କରୋନା ପାଇଁ କମିଟି ଗଠନ ହୋଇପାରିନାହିଁ। ଦୋକାନ ନିଲାମ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଏହା ହେବ। ପୀଠର ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରାଯିବ।

### ଦାବି ଉପସ୍ଥାପନା କରାଯାଇଛି



ମନ୍ଦିର ପରିଚାଳନା କମିଟି ଅବଧି ସରିଯାଇଛି। ଏହାର ପୁନର୍ଗଠନ କରିବା ଲାଗି ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଲେ ବୁଦ୍ଧେଶ୍ୱର ଶୈବପୀଠ ଜିଲାର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା।

-ନନ୍ଦକିଶୋର ସାହୁ, ମନ୍ଦିର ପରିଚାଳନା କମିଟି ସଭାପତି

### ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି



ଐତିହାସିକ ବୁଦ୍ଧେଶ୍ୱର ଶୈବପୀଠର ମହାତ୍ମ୍ୟ ସୁଦୂରପ୍ରସାରୀ ହେବାରେ ଲାଗିଛି। ବର୍ଷତମାମ ଏଠାରେ ହେଉଥିବା ପର୍ବପର୍ବାଣି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଏହାର ବିକାଶ ଲାଗି ଅନେକ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଛି। ସେଗୁଡ଼ିକ ପୂରଣ କରାଗଲେ ସମସ୍ୟା ଦୂର ହୋଇପାରନ୍ତା।

-କୁଞ୍ଜବିହାରୀ ଚିନ୍ନରା, ଆଇନଜୀବୀ

### ନୂତନ ପରିଚାଳନା କମିଟି ଗଢ଼ାଯାଉ



ନୂଆ ଭୁବନଠାରୁ ବୁଦ୍ଧେଶ୍ୱର ଶୈବପୀଠକୁ ରାସ୍ତା ନିର୍ମାଣ କରାଯାଇଛି। ନୂଆ ଭୁବନ ଛକରେ ଏକ ମୁଖଶାଳା କରାଗଲେ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବ। ନୂତନ ମନ୍ଦିର ପରିଚାଳନା କମିଟି ଗଠନ କରିବା ସହ ପୀଠ ଚାରିପଟେ ସୁରକ୍ଷା ପାଚେରି ନିର୍ମାଣ କରିବା ଜରୁରୀ ହୋଇପଡ଼ିଛି।

-ନାରାୟଣ ସାହୁ, ବରିଷ୍ଠ ଚିତ୍ରଶିଳ୍ପୀ

### ଉନ୍ନତୀକରଣ ହେଲେ ବଢ଼ିବ ଗୌରବ



ବୁଦ୍ଧେଶ୍ୱର ଶୈବପୀଠ ଭୁବନର ପରିଚୟ। ଏହାର ଉନ୍ନତୀକରଣ ହେଲେ ଅଞ୍ଚଳର ଗୌରବ ବଢ଼ିବ। ବିଶେଷ କରି ବ୍ରାହ୍ମଣୀ ନଦୀରୁ ମନ୍ଦିର ଯାଏ କଂକ୍ରିଟ ରାସ୍ତା ନିର୍ମାଣ ଏବଂ ବନ ବିଭାଗ ପକ୍ଷରୁ ନଦୀପଠାରେ କରାଯାଇଥିବା ବନୀକରଣ ଅଞ୍ଚଳର ବିକାଶ କରାଗଲେ ପୀଠ ପରିସର ଅଧିକ ଆକର୍ଷଣୀୟ ହେବ।

-ବାସନ୍ତୀ ପୃଷ୍ଟି, ଗ୍ରାମବାସୀ,

### ଦୀର୍ଘଦିନରୁ ଅବହେଳିତ ହୋଇ ରହିଛୁ



ଠାକୁରଙ୍କ ସେବା କରି ବାର୍ଦ୍ଧକ୍ୟରେ ପହଞ୍ଚିଲୁଣି। ଶ୍ରଦ୍ଧାଳୁଙ୍କ ଦକ୍ଷିଣାରେ ପରିବାର ପ୍ରତିପୋଷଣ ହେଉଥିଲା। ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ଦେବୋତ୍ତର ବିଭାଗ ଦାୟିତ୍ୱ ଦେଇଛି। ହେଲେ ୫ ପୂଜକ ଅବହେଳିତ ହୋଇ ରହିଛୁ। ଆମ ସୁଖସୁବିଧା କେହି ବୁଝୁନାହାନ୍ତି।

-ମହେଶ୍ୱର ମିଶ୍ର, ନିତ୍ୟ ପୂଜକ

# ମନେପଡ଼ିଲେ ମହାତ୍ମା



ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ବିଜେଡି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୩୦।୧**

ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅହିଂସା ମାର୍ଗରେ ଅନୁପ୍ରାଣିତ ହେଲେ ଦେଶର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ପ୍ରତାପ ଦାସ, ସାଇଶ୍ରୀ ପଟ୍ଟନାୟକ, ଶଶିକାନ୍ତ ମିଶ୍ର, ସୁରଜ ମହାପାତ୍ର, ବିଷ୍ଣୁ ପ୍ରସାଦ କର, ସାଗିର ମହମ୍ମଦ, ବିଜୟ ସାହୁ, ଗଙ୍ଗାଧର ରାଉତ, ସୋନୁରାମ ସିଂ, ସୁଶୀଲ ଗୋଛାୟତ, ସୌମ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

# ଚୂଡ଼ାନ୍ତ ପର୍ଯ୍ୟାୟରେ କପିଳାସ ଭକ୍ତନିବାସ

**ଢେଙ୍କାନାଳ ଅଫିସ, ୩୦।୧**

ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରଦ୍ଧାଳୁଙ୍କ ରହଣି ସୁବିଧା ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ଭକ୍ତ ନିବାସ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଜାଗର ଯାତ୍ରା ପୂର୍ବରୁ ଏହାକୁ ଲୋକାର୍ପିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଶନିବାର ନିର୍ମାଣାଧୀନ ଭକ୍ତ ନିବାସ ସମେତ ଶୌଚାଳୟ ବ୍ୟବସ୍ଥା ପରିଦର୍ଶନ କରିଥିଲେ।


ଅଧିକାରୀମାନେ ନିର୍ମାଣସ୍ଥଳ ପରିଦର୍ଶନ କରୁଛନ୍ତି।

ପ୍ରସିଦ୍ଧ କପିଳାସ ପୀଠରେ ସ୍ୱଳ୍ପଖର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ରହିବା ଲାଗି କୌଣସି ସୁବିଧା ନ ଥିଲା। ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ହଇରାଣ ହେଉଥିଲେ। ବହୁବାର ଦୃଷ୍ଟି ଆକର୍ଷଣ କରିବା ପରେ ଜିଲା ପ୍ରଶାସନର ସହାୟତାରେ ଦେବୋତ୍ତର ବିଭାଗ ପକ୍ଷରୁ ଭକ୍ତ ନିବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କପିଳାସ ପୀଠର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦିତ ୧ କୋଟି ଟଙ୍କା ଅନୁଦାନରୁ ଭକ୍ତ ନିବାସ, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ଶୌଚାଳୟ

- ଖର୍ଚ୍ଚ ହୋଇଛି ୫୦ ଲକ୍ଷ ଟଙ୍କା
- ଜାଗର ପୂର୍ବରୁ ଲୋକାର୍ପିତ ହେବ

ନିର୍ମାଣ ଚାଲିଛି। ଶୌଚାଳୟ ନିର୍ମାଣ ଲାଗି ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ଭକ୍ତ ନିବାସରେ ପ୍ରାୟ ୧୦୦ଜଣ ଯାତ୍ରୀ ରହିବା ସୁବିଧା କରାଯାଉଛି। ଏ ସଂକ୍ରାନ୍ତରେ ଜିଲା ଦେବୋତ୍ତର ଅଧିକାରୀ କୁହନ୍ତି, ଭକ୍ତ ନିବାସ ଏବଂ ଶୌଚାଳୟ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜାଗରଯାତ୍ରା ପୂର୍ବରୁ ଏହି ଦୁଇଟି ପ୍ରକଳ୍ପକୁ ଲୋକାର୍ପିତ କରାଯିବାର ଲକ୍ଷ୍ୟ ରହିଛି।

# ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ


ଶୋଭାବର୍ଦ୍ଧନ କରୁଛି ବିଭିନ୍ନ ପ୍ରକାର ଫୁଲ।


ନାଲ୍‌କୋ ପୁଷ୍ପ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

**ବଅଁରପାଳ, ୩୦।୧(ଡି.ଏନ୍.ଏ.)**

ନାଲ୍‌କୋ ଉଦ୍ୟାନ ବିଭାଗ ପକ୍ଷରୁ ନାଲ୍‌କୋ ଷ୍ଟାଡିୟମ ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ବାର୍ଷିକ ପୁଷ୍ପ ଏବଂ ପନିପରିବା ପ୍ରଦର୍ଶନୀ। କମ୍ପାନୀ ସିଏମ୍‌ଡି ଶ୍ରୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନାଲ୍‌କୋ ମହିଳା ସମିତି ସଭାନେତ୍ରୀ ସସ୍ମିତା ପାତ୍ର, ଇଡି ଅମ୍ବିକା ପ୍ରସାଦ ପଣ୍ଡା, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ସ୍ମେଲଟର ମହାପ୍ରବନ୍ଧକ ଏମ୍.ଆର୍. ଦାସ, ସିପିପି ମହାପ୍ରବନ୍ଧକ ସରୋଜ ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

ପ୍ରଦର୍ଶନୀରେ ଫୁଲ, ଫଳ, ସବୁଜପରିବା, ରଙ୍ଗୋଲି, ବୁକେ, ଫୁଲକୁଣ୍ଡ ପ୍ରଦର୍ଶିତ ହେଉଛି। ବିଭିନ୍ନ ଷ୍ଟଲ୍ ଖୋଲାଯାଇଛି। ରବିବାର ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। ନାଲ୍‌କୋ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ, ଉଦ୍ୟାନ ବିଭାଗ ଏଜିଏମ୍ ଉମାକାନ୍ତ ମହାରଣା, ମ୍ୟାନେଜର ପି.କେ. ମଲ୍ଲିକ, ନାଲ୍‌କୋ ଅଫିସର ଅସୋସିଏଶନ ସଭାପତି ପ୍ରସନ୍ନ ମଲ୍ଲିକ, ସହ ସମ୍ପାଦକ କେ.କେ. ବେହେରା, ଶ୍ରମିକ ନେତା ରମେଶ ଚନ୍ଦ୍ର ବେହେରା, ରତ୍ନାକର ପରିଡ଼ା, ମୁରଲୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଇଥିଲେ।

## ଶସ୍ୟରେ କାଳୀୟଦଳନ

ଶସ୍ୟରେ କାଳୀୟ ଦଳନର ପ୍ରତିକୃତି। ଚାଉଳ, ରାଶି, ବିରି ଚୋପା, ଗାଜର, ବିଟ୍, ଚଣା ଶାଗ ଭଳି ଦୈନନ୍ଦିନ ରୋଷେଇରେ ବ୍ୟବହୃତ ସାମଗ୍ରୀକୁ ନେଇ ଏଭଳି ନିଆରା କଳାକୃତି ପ୍ରସ୍ତୁତ କରିଛନ୍ତି ନାଲ୍‌କୋ କଲୋନୀର ଦୀପ୍ତିମୟୀ ପ୍ରଧାନ। ନାଲ୍‌କୋ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ତାଙ୍କର ଏହି କାରିଗରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି, ଯାହାକୁ ନେଇ ପ୍ରଶଂସା ସାଉଁଟୁଛନ୍ତି ସେ।



ଜିଲାରେ ହେଉଥିବା ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଅର୍ଜିଛନ୍ତି ଦୀପ୍ତିମୟୀ। ତାଙ୍କ ଚିତ୍ରକଳାରୁ ବାରି ହୋଇପଡ଼େ ଆଧ୍ୟାତ୍ମିକତା, ସଚେତନତା ଏବଂ ଦେଶଭକ୍ତିର ଗାଥା। ଗତବର୍ଷ ନାଲ୍‌କୋରେ ଅନୁଷ୍ଠିତ ପ୍ରଦର୍ଶନୀରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ରଙ୍ଗୋଲି ଦାସିଆ ବାଉରି ଓ ଦାରୁବ୍ରହ୍ମ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ଚଳିତବର୍ଷ ବିଭିନ୍ନ ଶସ୍ୟକୁ ଉପଯୋଗ କରି ସେ ପ୍ରସ୍ତୁତ କରିଛନ୍ତି କାଳୀୟ ଦଳନ। ଏଥିଲାଗି ତାଙ୍କୁ ଲାଗିଛି ୩ ଘଣ୍ଟା। ଆଗାମୀ ଦିନରେ ଜାତୀୟସ୍ତରରେ ଆୟୋଜିତ



ଦୀପ୍ତିମୟୀଙ୍କ ହାତ ତିଆରି କଳାକୃତି।

ରଙ୍ଗୋଲି ପ୍ରତିଯୋଗିତାରେ ଭାଗନେବାକୁ ସେ ଆଶାବାଦୀ ଅଛନ୍ତି। ଦୀପ୍ତିମୟୀ ହେଉଛନ୍ତି ନାଲ୍‌କୋ କର୍ମଚାରୀ ଅଶୋକ ପ୍ରଧାନଙ୍କ ସ୍ତ୍ରୀ।

## ଲୁଟ୍ ଘଟଣାରେ ୨ ଗିରଫ

**କଣିହାଁ, ୩୦।୧(ଡି.ଏନ.ଏ.)**

ଜଣେ ଟ୍ରକ୍ ଚାଳକଙ୍କଠାରୁ ଲୁଟ୍ ଘଟଣାରେ କଣିହାଁ ଥାନା ପୋଲିସ ଶନିବାର ଘଣ୍ଟିଆନାଳୀ ଗ୍ରାମର ବିଜୟ ସାହୁ ଏବଂ ଝରାବେରେଣୀ ଗ୍ରାମର ସନ୍ତୋଷ ନାଏକଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଡେରେଙ୍ଗସ୍ଥିତ ଜେଆଇଟିପିଏଲ୍ ପ୍ରକଳ୍ପକୁ କୋଇଲା ପରିବହନ କରୁଥିବା ଏକ ଟ୍ରକ୍‌ରୁ ୨ ବ୍ୟାଟେରି, ଚାଳକଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ହୋଇଥିଲା। ଏ ନେଇ ଗାଡ଼ି ଡ୍ରାଇଭର ସଞ୍ଜୟ ଯାଦବଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୪/୨୧ରେ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଆଇଆଇସି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି।

## ୨ ହଜାର ଜରିମାନା ଆଦାୟ

**କଣିହାଁ,୩୦।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବଲାଙ୍ଗୀ ସମଲ ରାସ୍ତାରେ ଯାଉଥିବା ଶନିବାର ୨ ପାଉଁଶ ବୋଝେଇ ଟ୍ରକ୍‌ରୁ ସମଲ ଥାନା ପୋଲିସ ଜରିମାନା ଆଦାୟ କରିଛି। ଟ୍ରକ୍ ନଂ. (ଓଡି ୩୫ ଡି ୧୫୩୦) ଏବଂ (ଓଡି ୩୫ ସି ୯୪୩୦) ରଙ୍ଗ ରୁଟ୍‌ରେ ପାଉଁଶ ପରିବହନ କରିଯାଉଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ୨ ହଜାର ଟଙ୍କା ଜରିମାନା ଆଦାୟ ପରେ ପୋଲିସ ଉକ୍ତ ଟ୍ରକ୍‌କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

